# ତହସିଲଦାରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ସଂଖ୍ୟା ..4112.../ତାରିଖ .12.07.18

## ନୋଟିସ

ଏତଦ୍ୱାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ରାଜସ୍ୱ ନିରୀକ୍ଷକ, ପଳାଶପଙ୍ଗା ଅଧିନରେ କଣ୍ଡରାପଶି ମୌଜା ନିକଟରେ ବେଆଇନ ଭାବେ ଖନନ କରାଯାଇଥିବା ଅନୁନ୍ୟ ୩୦୦୦ (ତିନି ହଜାର) ଘନ.ମିଟର ପରିମାଣର ପଥରକୁ ନିମ୍ନ ସାକ୍ଷରକାରୀଙ୍କ ଦ୍ୱାରା ଜବତ୍ କରାଯାଇଛି । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬( ସଂଶୋଧିତ) ଧାରା ୪୮ ଅନୁଯାୟୀ ଉକ୍ତ ଜବତ୍ କରାଯାଇଥିବା ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ରାଜ୍ୟ ସରକାରଙ୍କ ସମ୍ପତ୍ତି ଅଟେ ।

ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟର ବେଆଇନ ପରିବହନ ରୋକିବା ନିମନ୍ତେ ଓ ରାଜ୍ୟ ସରକାରଙ୍କ ରାଜ୍ୟ ରାଜକୋଷକୁ ଅର୍ଥ ଆଣିବା ନିମନ୍ତେ ଉକ୍ତ ୩୦୦୦ ଘନ.ମିଟର ପରିମାଣର ଲଘୁ ଖଣିଜ ଦ୍ରବ୍ୟ କୁ ସର୍ବସାଧାରଣରେ ନିଲାମ କରିବାକୁ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିମ୍ନ ସାକ୍ଷରକାରୀ ସ୍ଥିର କରିଛନ୍ତି । ନିଲାମ ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

| ନିଲାମ ସ୍ଥାନ | ତାରିଖ ଓ ସମୟ | ଧାର୍ଯ୍ୟଦର (ଘନ.ମିଟରପିଛା) | ମୋଟ ମୂଲ୍ୟ |
|---|---|---|---|
| ତହସିଲ ଅଫିସ,କେନ୍ଦୁଝର | ତା ୦୭.୦୮.୨୦୧୮ ଦିବା ୧୧.୦୦ | ଟ ୨୫୦.୦୦ | ଟ.୭,୫.୦୦୦.୦୦ (ସାତ ଲକ୍ଷ ପଚାଶ ହଜାର ଟଙ୍କା) |

ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତି/ସଂସ୍ଥା ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୩.୦୦ ସୁଦ୍ଧା ଦରଖାସ୍ତ ଫର୍ମ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ସଂଗ୍ରହ କରି , ଉକ୍ତ ଫର୍ମକୁ ପୁରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ସନ୍ଧ୍ୟା ୫.୦୦ ସୁଦ୍ଧା ନିଜର ଦରଖାସ୍ତ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ଜମା ଦେଇ ପାରିବେ । ନିର୍ଦ୍ଧାରିତ ସମୟ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ନିର୍ଦ୍ଧାରିତ ତାରିଖ ଓ ସମୟରେ ଟେଣ୍ଡର ବାକ୍ସ ଖୋଲା ହେବା ସମୟରେ ଆବେଦନ କାରୀ ନିଜେ ଉପସ୍ଥିତ ରହିବେ । ଆବେଦନକାରୀଙ୍କ ଅନୁପସ୍ଥିତି ରେ ତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ସାକ୍ଷରକାରୀଙ୍କ ସହମତିରେ ଉପସ୍ଥିତ ରହି ନିଲାମରେ ଅଂଶ ଗ୍ରହଣ କରିପାରିବେ । ଆବେଦନକାରୀ ଦରଖାସ୍ତ ସହ ନିମ୍ନ କାଗଜପତ୍ର ଜମା ଦେବେ ।

୦୧. ନିଜର ପରିଚୟ ପତ୍ର( ଭୋଟର କାର୍ଡ, ଆଧାର କାର୍ଡର ଜେରକ୍ସ କପି )

୦୨ ମୋଟ ମୂଲ୍ୟର ୧୦ ପ୍ରତିଶତ କୌଣସି ଜାତୀୟ କରଣ ବ୍ୟାଙ୍କରେ ତହସିଲଦାର,କେନ୍ଦୁଝରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା ଦେବେ ।

୦୩. ନିଜ ନାମରେ , ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬ ଅନୁଯାୟୀ କୌଣସି ବକେୟା ଅର୍ଥ ନ ଥିବା ଓ କୌଣସି ଫୌଜଦାରୀ ମୋକଦ୍ଦମା ନଥିବା ସଂକ୍ରାନ୍ତରେ ଏକ ଆଫିଡେଭିଟ୍ .

ସରକାରୀ ନିର୍ଦ୍ଧାରିତ ଦର ଉପରେ ସର୍ବାଧିକ ଦର( ଘନ.ମିଟରପିଛା) ଦେବାକୁ ଇଚ୍ଛା ପ୍ରକାଶ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଚୂଡାନ୍ତ କରାଯିବ ଓ ନିଲାମରେ ବିଫଳ ହୋଇଥିବା ବ୍ୟକ୍ତିମାନଙ୍କ ଜମା (ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା ଦିଆଯାଇଥିବା ) ଅର୍ଥ ଫେରସ୍ତ କାରାଯିବ । ଏଠାରେ ଉଲ୍ଲେଖ ଯୋଗ୍ୟଯେ ସଫଳ ନିଲାମ ଧାରୀ ସେହିଦିନ ମୋଟ ମୂଲ୍ୟର ୨୫ଶତକଡା ଅର୍ଥ ( ନଗଦ ଟଙ୍କା ଆକାରରେ ବା ତହସିଲଦାର,କେନ୍ଦୁଝରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ) ଜମା ଦେବେ । ଅବଶିଷ୍ଟ ଟଙ୍କା ସାତଦିନ ମଧ୍ୟରେ ଜମା ଦେବେ । ରୟାଲଟି ଅର୍ଥ ବ୍ୟତୀତ ନିଲାମ ଧାରୀ ଡି.ଏମ୍.ଏଫ୍ ରୁଲ -୨୦୧୫ ଧାରା ୯(୨)(ବି) ଅନୁଯାୟୀ ପ୍ରକୃତ ରୟାଲଟି (ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ) ଅର୍ଥର ୧୦ଶତକଡା ଡି.ଏମ୍.ଏଫ. ଅଂଶ ବାବଦକୁ ନଗଦ ଆକାରରେ ଜମା ଦେବେ । ସରକାରୀ କାର୍ଯ୍ୟ ଦିବସରେ ତହସିଲ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ନିଲାମ ସମ୍ପର୍କିତ ତଥ୍ୟ ବୁଝି ପାରିବେ । ନିଲାମରେ ସଫଳ ହୋଇଥିବା ବ୍ୟକ୍ତି ସମସ୍ତ ଅର୍ଥ ଜମା ଦେଇ ସାରିବାର ପରେ ସଂପୃକ୍ତ ଅଂଚଳରୁ ନିଲାମ ଦ୍ରବ୍ୟ ପରିବହନ ପାଇଁ ପଦକ୍ଷେପ ନେବେ ଓ ନିମ୍ନ ସାକ୍ଷରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଦ୍ରବ୍ୟ ନିଲାମ ସ୍ଥାନରୁ ସ୍ଥାନାନ୍ତରିତ କରିବେ ।

12/07/2018

ତହସିଲଦାର -ତଥା- କ୍ଷମତାସଂପନ୍ନ ଅଧିକାରୀ,
କେନ୍ଦୁଝର ।

TAHASILDAR
KEONJHAR

ପରିପତ୍ର ସଂଖ୍ୟା. 4113 . .ତାରିଖ. . 12.07.18

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର /ଉପ-ଜିଲ୍ଲାପାଳ, ସଦର, କେନ୍ଦୁଝର / ଗୋଷ୍ଠି ଉନ୍ନୟନ ଅଧିକାରୀ, ସଦର ପଞ୍ଚାୟତ ସମିତିଙ୍କ ନିକଟକୁ ଅବଗତି ଓ ପରବର୍ତ୍ତୀ କାର୍ଯାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉକ୍ତ ନୋଟିସର ବହୁଳ ପ୍ରସାରଣ ନିମନ୍ତେ ପଦକ୍ଷେପ ନେବେ ଓ ଉକ୍ତ ନୋଟିସର ଅବିକଳ ନକଲ ସେମାନଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

12/07/2018

ତହସିଲଦାର -ତଥା- କ୍ଷମତାସଂପନ୍ନ ଅଧିକାରୀ,
କେନ୍ଦୁଝର ।
TAHASILDAR
KEONJHAR

ପରିପତ୍ର ସଂଖ୍ୟା. 4114 . .ତାରିଖ. . 12.07.18

ଏହାର ଏକକିତା ନକଲ ସଂପୃକ୍ତ ସରପଞ୍ଚ / ରାଜସ୍ୱ ନିରୀକ୍ଷକ, ପଳାଶପଙ୍ଗାଙ୍କ ନିକଟକୁ ଅବଗତି ଓ ପରବର୍ତ୍ତୀ କାର୍ଯାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉକ୍ତ ନୋଟିସରର ବହୁଳ ପ୍ରସାରଣ ନିମନ୍ତେ ପଦକ୍ଷେପ ନେବେ ଓ ଉକ୍ତ ନୋଟିସର ଅବିକଳ ନକଲ ସେମାନଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତହସିଲ ଅଫିସ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବାକୁ ଆଦେଶ ପ୍ରଦାନ କରାଗଲା

ଏହାର, ଏକକିତା ନକଲ D.I.O,N.I.C,Keonjhar ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାରଣ ନିମନ୍ତେ ଏହାକୁ District Website ପ୍ରଦର୍ଶିତ କରାଇବାକୁ ଅନୁରୋଧ କରାଗଲା ।

12/07/2018

ତହସିଲଦାର -ତଥା- କ୍ଷମତାସଂପନ୍ନ ଅଧିକାରୀ,
କେନ୍ଦୁଝର ।
TAHASILDAR
KEONJHAR